ଆଞ୍ଚଳିକ

About Us | | Contact Us

Friday,30 Mar 2007

Search

ଖବର
- ମୁଖ୍ୟ ଖବର
- ଆଞ୍ଚଳିକ
- ଜାତୀୟ
- ଆନ୍ତର୍ଜାତୀୟ
- ବିଜ୍ଞାନ
- ଖେଳ
- ପାଣିପାଗ
- ସ୍ୱାସ୍ଥ୍ୟ
- ସମ୍ପାଦକୀୟ
- ସମ୍ପାଦକଙ୍କୁ ପତ୍ର

ରବିବାର
- ସ୍ୱତନ୍ତ୍ର ପ୍ରସଙ୍ଗ
- କଳା ଓ ସଂସ୍କୃତି
- କଲକାତା କିଛି କଥା
- ଦିଲ୍ଲୀ ଦରବାର

Classified
- Matrimonials
- Appointments
- Entertainment
- Subscriptions
- Advertisements

## ରାଜ୍ୟରେ ଆଇଆଇଟି ପ୍ରତିଷ୍ଠା ପାଇଁ ସରକାର ପୁଣି କେନ୍ଦ୍ର ନିକଟରେ ଦାବି କରିବେ:ଶିଳ୍ପମନ୍ତ୍ରୀ

ଭୁବନେଶ୍ୱର (ନି.ପ୍ର.)- ରାଜ୍ୟରେ ଆଇଆଇଟି ପ୍ରତିଷ୍ଠା ନିମନ୍ତେ ରାଜ୍ୟ ସରକାର ପୁଣି ଥରେ କେନ୍ଦ୍ର ନିକଟରେ ଦାବି ଉପସ୍ଥାପନ କରିବେ ବୋଲି ଶିଳ୍ପମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି । ବିଧାନସଭାରେ ଏ ସମ୍ପର୍କରେ ଆଗତ ଏକ ଧ୍ୟାନଆକର୍ଷଣକାରୀ ନୋଟିସ ଆଲୋଚନାରେ ଭାଗ ନେଇ ବିଧାୟକ ଅଶ୍ୱିନୀ ପାତ୍ର ଓ ମହେଶ ସାହୁ କହିଲେ ଯେ କେନ୍ଦ୍ର ସରକାର ଓଡ଼ିଶା ପ୍ରତି ସବୁବେଳେ ଅବହେଳା କରୁଛନ୍ତି । ଆଇଆଇଟି ପ୍ରତିଷ୍ଠା ପାଇଁ ପ୍ରଥମେ ପ୍ରତିଶ୍ରୁତି ଦିଆଯାଇଥିଲେ ହେଁ ତାହାକୁ ଉଠାଇ ନିଆଯାଇଛି । ରାଷ୍ଟ୍ରପତି ଶିଳାନ୍ୟାସ କରିଥିବା ସଂସ୍ଥାକୁ ମଧ୍ୟ ଉଠାଇ ନିଆଯାଉଛି । ତେଣୁ କେନ୍ଦ୍ର ସରକାରଙ୍କ ବିରୋଧରେ ରାଜ୍ୟରେ ଅର୍ଥନୈତିକ ଅବରୋଧ ଆବଶ୍ୟକ । ବାଚସ୍ପତିଙ୍କ ନେତୃତ୍ୱରେ କଂଗ୍ରେସ ବିଧାୟକମାନେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ସହ ବିଜେଡି ଓ ବିଜେପି ବିଧାୟକମାନେ ରାଜ୍ୟରେ ଅର୍ଥନୈତିକ ଅବରୋଧ କରିବାକୁ ସେମାନେ କହିଥିଲେ । ଆଲୋଚନାର ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ରାଜ୍ୟ ସରକାର ଶିଳ୍ପାୟନକୁ ଦେଖି ଓଡ଼ିଶାରେ ଗୋଟିଏ ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥାନ (ଆଇଆଇଟି) ପ୍ରତିଷ୍ଠା ଲାଗି ନିରନ୍ତର କେନ୍ଦ୍ର ସରକାରଙ୍କ ସହ ବିଗତ ୨୦୦୩ ମସିହାଠାରୁ ଅଦ୍ୟାବଧି ପତ୍ରାଳାପ ଜାରି ରଖିଛନ୍ତି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଏ ବାବଦରେ ସବୁଜ ସଂକେତ ମିଳିଆସୁଥିଲା । ଗତ ଅଗଷ୍ଟ ୨୦୦୬ରେ କେନ୍ଦ୍ର ମାନବ ସମ୍ବଳ ବିକାଶ ରାଷ୍ଟ୍ରମନ୍ତ୍ରୀ ଏମ.ଏମ.ଫାତମୀ ଓଡ଼ିଶାରେ ଗୋଟିଏ ଗ୍ରିନ୍ ଫିଲ୍ଡ ଆଇଆଇଟି ପ୍ରତିଷ୍ଠା ହେବାର ସମ୍ଭାବ୍ୟ ସୂଚନା ଦେଇଥିଲେ । ସୂଚନାଯୋଗ୍ୟ ଯେ ଏକାଦଶ ପଞ୍ଚବାର୍ଷିକ ଯୋଜନାରେ କେନ୍ଦ୍ର ସରକାର ତିନି ଗୋଟି ଗ୍ରିନ୍ ଫିଲ୍ଡ ଆଇଆଇଟି ଦେଶରେ ପ୍ରତିଷ୍ଠା କରିବା ପାଇଁ ଯୋଜନା କରିଛନ୍ତି । ଏହି ତିନିଗୋଟି ଆନ୍ଧ୍ର, ବିହାର ଓ ରାଜସ୍ଥାନରେ ପ୍ରତିଷ୍ଠା ହେବାର ଖବର ରାଜ୍ୟ ସରକାରଙ୍କୁ ବ୍ୟଥିତ କରିଛି । କେଉଁ ପରିସ୍ଥିତିରେ ଆମ ରାଜ୍ୟ ଓଡ଼ିଶା ଏହି ସମ୍ଭାବ୍ୟ ତାଲିକାରୁ ବାଦ୍ ପଡିଲା; ତାହା ଅଦ୍ୟାବଧି ପ୍ରଶ୍ନବାଚୀ ହୋଇରହିଛି । ରାଜ୍ୟ ସରକାର ଏ ସମ୍ବନ୍ଧରେ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ସମ୍ବାଦରୁ ଅବଗତ ହେଲା ପରେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନିକଟରେ ଏହି ନିଷ୍ପତ୍ତି ବିରୋଧରେ ପ୍ରତିବାଦ ଜଣାଇଛନ୍ତି । ସମ୍ପ୍ରତି ରାଜ୍ୟ ସରକାର ବେସରକାରୀ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ଆଇଟିଆଇ/ଡିପ୍ଲୋମା ଏବଂ ଡିଗ୍ରୀସ୍ତରୀୟ ବୈଷୟିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଲାଗି ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି । ଏହାଛଡା ଆଇଆଇଟି ଖଡଗପୁରର ଏକ ସମ୍ପ୍ରସାରିତ ଶାଖା ଭୁବନେଶ୍ୱରରେ ପ୍ରତିଷ୍ଠା କରିବା ଲାଗି ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଜଣାଇଛନ୍ତି । ରାଜ୍ୟ ସରକାର ଏଥିଲାଗି ବିନା ମୂଲ୍ୟରେ ୩୦୦ଏକର ଜମି ଭିତ୍ତିଭୂମି ପାଇଁ ଯୋଗାଇଦେବେ ବୋଲି କେନ୍ଦ୍ର ସରକାରଙ୍କୁ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି । ସରକାର ଗୋଟିଏ ବିଶ୍ୱସ୍ତରୀୟ ସୂଚନା ପ୍ରଯୁକ୍ତି କୌଶଳ ପ୍ରତିଷ୍ଠାନ ଆଇଆଇଟି ସ୍ଥାପନ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି । ଏହାର ଭିତ୍ତିଭୂମି ପାଇଁ ଭୁବନେଶ୍ୱର ଉପକଣ୍ଠରେ ଅବସ୍ଥିତ ଗୋଠପାଟଣା ମୌଜାରେ ୨୩ଏକର ୨୪ ଡିସମିଲ ଜାଗା ଯୋଗାଇ ଦେବାର ବ୍ୟବସ୍ଥା ମଧ୍ୟ କରିଛନ୍ତି । ଏହୁ ଅନୁଷ୍ଠାନ ରାଜ୍ୟ ସରକାରଙ୍କ ସୂଚନା ଓ ପ୍ରଯୁକ୍ତି (ଆଇଟି) ବିଭାଗ ଅଧିନରେ କାର୍ଯ୍ୟ କରିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ।








About Us Contact Us

The site is best viewed in 800x600 Resolution and in Internet Explorer 5.0 and above.
©2003 THE SAMAJA Estd.1919. Published simultaneously from Cuttack, Vizag,Bhubaneswar, Rourkela, Sambalpur & Kolka
Hosted and Maintained by **Suryanandan.Net**